ପ୍ରମେୟ
THE PRAMEYA

Prameya

କେନ୍ଦ୍ର ସାହିତ୍ୟ ଏକାଡେମୀ, ସୋଆ-ପ୍ରାଚୀନର ମିଳିତ ଆନୁକୂଲ୍ୟରେ

# ୯ରୁ ସୋଆରେ ଜାତୀୟ ଜନଜାତି ଲେଖକ ସମ୍ମିଳନୀ

- ଦୁଇଦିନ ଚାଲିବ
- ଯୋଗ ଦେବେ ସର୍ବଭାରତୀୟ ସ୍ତରର ୭୦ ବିଶିଷ୍ଟ ଲେଖକ
- ୮ ଅଧିବେଶନରେ ବହୁଭାଷୀ କବିତା, ଗଳ୍ପ ପଠନ

ଭୁବନେଶ୍ୱର,୭।୮(ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ହେବ ଜାତୀୟ ଜନଜାତି ଲେଖକ ସମ୍ମିଳନୀ। ଦୁଇଦିନ ଧରି ବହୁଭାଷା ଉପରେ ଚାଲିବ ଦୀର୍ଘକାଳୀନ ଆଲୋଚନା। ଏଥିରେ ସର୍ବଭାରତୀୟସ୍ତରରୁ ଯୋଗଦେବେ ୪୯ଟି ଜନଜାତି ଭାଷାରେ କାର୍ଯ୍ୟ କରୁଥିବା ପ୍ରାୟ ୭୦ ଜଣ ବିଶିଷ୍ଟ ଲେଖକ, କବି ଓ କଥାକାର ବୋଲି ସୂଚନା ଦିଆଯାଇଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ସୋଆ ପରିଚାଳିତ ସେଣ୍ଟର ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ)ର ମିଳିତ ଆନୁକୂଲ୍ୟରେ ଆସନ୍ତା ଅଗଷ୍ଟ ୯ ଏବଂ ୧୦ ତାରିଖରେ ଏହି ଦୁଇ ଦିନିଆ ଜାତୀୟ ଜନଜାତି ଲେଖକ ସମ୍ମିଳନୀ ଅନୁଷ୍ଠିତ ହେବ। ଅଜାଦୀ କା ଅମୃତ ମହୋତ୍ସବ ପାଳନ ଓ ଅଗଷ୍ଟ ୯ ତାରିଖ ଅନ୍ତର୍ଜାତୀୟ ବିଶ୍ୱ ମୂଳନିବାସୀ ଦିବସ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ବିଭିନ୍ନ ଭାଷାରେ କବିତା ଆବୃତ୍ତି, କ୍ଷୁଦ୍ର କାହାଣୀ ପଠନ, ଜନଜାତି ଭାଷା ଉପରେ କାର୍ଯ୍ୟ କରୁଥିବା ଯୁବ ଲେଖକମାନଙ୍କର ସମସ୍ୟା ଓ ଭାରତୀୟ ମୂକ ଭାଷାଗୁଡ଼ିକର ସଂରକ୍ଷଣ ଓ ବିକାଶ କ୍ଷେତ୍ରକୁ ନେଇ ସମ୍ମିଳନୀରେ ଆଲୋଚନା କରାଯିବ ବୋଲି ବିଶିଷ୍ଟ କବି ତଥା ପ୍ରାଚୀନର ମୁଖ୍ୟ ଡ. ଗାୟତ୍ରୀବାଳା ପଣ୍ଡା କହିଛନ୍ତି।

ଅଗଷ୍ଟ ୯ ତାରିଖରେ ସୋଆ କ୍ୟାମ୍ପସ୍-୨ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରେ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ବିଶିଷ୍ଟ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଉଦ୍‌ଘାଟକ ଭାବେ ଯୋଗଦେବେ। ସାହିତ୍ୟ ଏକାଡେମୀର ସଚିବ ଡ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ରଖିବେ। ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଅଧିବେଶନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖକ ଓ କବିମାନେ ଯୋଗଦେବେ। ସେମାନଙ୍କ ମଧ୍ୟରେ କୁହଳି ମୋଗ ଚୌଧୁରୀ (ମୋଗ), ରାଜକିଶୋର ନାଏକ (ଡସୁଡି), ଅନିମା ଟେଲ୍‌ରା (ବିରିଜିଆ), ବାଇରୁଙ୍ଗ ସେରିଙ୍ଗ୍ ଭୁଟିଆ (ଭୁଟିଆ), ଭାନୁମତୀ ସିଂ (ଭୂମିଜ), କୁସୁମ ଡକ୍‌ମା (ଡକ୍‌ମା), ମାନସିଂ ଚୌଧୁରୀ (ଚୌଧୁରୀ), ଧନୁ ମୁଦୁଲି (ଗଦବା), ଡକ୍ଟର କୋମାୟିର ରିବି (ଗାଲୋ), ମିରଣାଳଙ୍କ କେ. ମରକ (ଗାରୋ), ଇନ୍ଦୁମତୀ ଲମାଣୀ (ବଞ୍ଜାରା), ସୁନାଲ ଗାଏକଓ୍ୱାଡ (ଭିଲି), ପିଲିଗାଇ ଗଣ୍ଡ (ଗୋଣ୍ଡି), ଦମ୍ବରୁ ନାଏକ (ହୋ), ଷ୍ଟାଙ୍ଗୋ ସୋସିଆ (ନୋଇଟି), ଦମୟନ୍ତୀ ବେଶ୍ରା (ସାନ୍ତାଳୀ), ଯୋଗେଶ୍ୱରୀ ଏସ୍ (ଡାକିଡିକି), ସୁନୀଲ ପେଡ଼ାକାପୁ (କଣ୍ଡ ପରଜା), ଅନ୍ ତେରନ (କରବୀ), ବୈକୁଣ୍ଠ ପ୍ରଧାନ (କିଶାନ୍), ଏଷ୍ଟିଲଡର୍ଷ ଖୋନ୍ଲୁଖାଇ (ଖାସି), ଚନ୍ଦ୍ରମୋହନ ସିଂ (କୋରା), ଧନୁରାଜ ନେଓଟିଆ (କୋକବୋରୋକ), ରାମଗୋପାଳ ରାମଲାଲ ଭିଲାଲେକର (କୋରକୁ), ପ୍ରତାପ କର୍ଷିର (କୁଇ), ପ୍ରତାପ କୁମାର ପଣ୍ଡା, ଲକ୍ଷ୍ମଣ ଶବର, ବର୍ଣ୍ଣବଂଶୀ ଶବର, ରତ୍ନାକା ଏସ୍ (ସୋଲିଗାରୁ), ସେବାଙ୍ଗ ଗ୍ୟାଲସେନ୍ (ଲଦାଖୀ), ପ୍ରତାପ ତମାଙ୍ଗ (ତମାଙ୍ଗ), ସୁଦର୍ଶନ କୁଆଙ୍ଗ (କୁଆଙ୍ଗ), କାଟସୋ ଲେପ୍‌ଚା (ଲେପ୍‌ଚା), ସ୍ୱର୍ଣ୍ଣଲତା ଆଇନ୍ଦ (ମୁଣ୍ଡାରି), ଲାଇଟେନ୍‌ଥାଙ୍ଗ ଟାଙ୍ଗସୁ (ମିଜୋ), ଏସ୍.କେ. ବୋରୋ (ବୋଡ଼ୋ), ଲିପ୍ସୁ ଶବର (ସୌରା) ଓ ଲାଇବିନକ୍ଲୁଇ (ହମର) ପ୍ରମୁଖ ଭାଷାଭାଷୀ କବି, ଲେଖକମାନେ ଯୋଗଦେବେ। ଏହି ଅବସରରେ ଏକାଡେମୀ ପକ୍ଷରୁ ଅଧିବେଶନ ସହ ଏକତ୍ର ପୁସ୍ତକ ପ୍ରଦର୍ଶନୀ ଓ ବିକ୍ରି କାର୍ଯ୍ୟକ୍ରମ ଦୁଇଦିନଯାଏ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ।

-End of Document-